# State Level Workshop on eOffice 7.0 at Bhubaneswar, Odisha



The State Level Workshop on eOffice 7.0 was successfully conducted on September 16th, 2023, at SIRD & PR Conference Hall in Bhubaneswar, Odisha. The workshop was organized by NIC in collaboration with the Centre for Modernising Government Initiative (CMGI), Govt. of Odisha.

The main objective of the workshop was to facilitate interactions among stakeholders, showcase new initiatives under the eOffice Project, enhance awareness and adoption of new offerings, and gather suggestions and feedback from end users through focused discussions and brainstorming.




The workshop saw the participation of over 150 officers from different departments of the Government of Odisha who were physically present at the venue. Additionally, officers from all the 30 districts of the state joined the workshop through video conferencing.




The event began with Shri R. S. Gopalan, IAS, Commissioner-cum-Secretary, Department of Labour & ESI, Government of Odisha, serving as the Chief Guest. He commended the efforts of NIC in developing robust and powerful

automation software that has brought transparency to official work. Shri Gopalan stressed the importance of utilizing the eOffice application across all departments and districts in the state.




Smt. Rachna Srivatsava, Deputy Director General (DDG) and HoG (eOffice), NIC, New Delhi, along with Shri Kapil Kumar Sharma, Senior Director (IT), delivered a detailed presentation on the latest version, Version 7.0, of the eOffice application.



Participants engaged in constructive discussions with Rachna Madam and her team to clarify doubts and confusions. The workshop provided an opportunity for districts, state departments, directorates, PSUs, and universities to share their issues and experiences at the ground level.




SCAN ME

The eOffice brochure highlighting features of eOffice 7.0, Components of eOffice, eOffice implementation status etc. was released on this occasion.




During the event, Jagatsinghpur District was felicitated for its exemplary accomplishment in successfully implementing the e-office system up to the Gram Panchayat level.



Dr. N. Thirumala Naik, IAS, Labour Commissioner, Dr. Satya Priya Rath, IAS,

Executive Director, CMGI, Dr. Ashok Kumar Hota, DDG & State Informatics Officer (SIO), NIC, Odisha, and senior officers from several organizations graced the occasion.

Shri Samarendra Kumar Sarangi, OAS, OSD-cum-Programme Co-ordinator, CMGI offering Vote of Thanks informed that eOffice instances of older versions are going to be migrated to latest version soon.




Shri Bana Priya Satpathy, Senior Director (IT), who is set to retire in September 2023, was felicitated for his significant contribution to spearheading the implementation of eOffice in Odisha.




Sri S. N. Behera, Senior Director (IT), NIC and Sri Pinaki Ranjan Mohanty, Project Coordinator, CMGI coordinated the workshop successfully.

# ନିରବଚ୍ଛିନ୍ନ ଇ-ଅଫିସ ସେବା ଲାଗି ଜଗତସିଂହପୁର ପୁରସ୍କୃତ

■ ଜଗତସିଂହପୁର, ତା ୧୬।୯(ପିଏନ୍ଏସ୍) ରାଜ୍ୟସ୍ତରୀୟ ଇ-ଅଫିସ କର୍ମଶାଳାରେ ଜଗତସିଂହପୁର ଜିଲ୍ଲା ଇ-ଅଫିସ ବ୍ୟବସ୍ଥାକୁ ସଫଳତାର ସହ କାର୍ଯ୍ୟକାରୀ କରିବା ନେଇ ସମ୍ମାନିତ କରାଯାଇଛି । ଏହି ପରିବର୍ତ୍ତନକାରୀ ପଦକ୍ଷେପ ଦ୍ୱାରା ଜିଲ୍ଲାସ୍ତରୀୟ କାର୍ଯ୍ୟାଳୟରୁ ଗ୍ରାମପଞ୍ଚାୟତସ୍ତର ପର୍ଯ୍ୟନ୍ତ ନାଗରିକ କେନ୍ଦ୍ରୀୟ ସେବା ସମ୍ପ୍ରସାରିତ ହୋଇଛି । ଯାହା ସାଧାରଣ ଲୋକଙ୍କୁ ଅନେକ ପ୍ରକାରର ଅତ୍ୟାବଶ୍ୟକ ସେବା ପାଇଁ ସ୍ୱଚ୍ଛ ଏବଂ ସମୟବଦ୍ଧ ପ୍ରବେଶ ପ୍ରଦାନ କରିଛି । ଜଗତସିଂହପୁର ଜିଲ୍ଲାରେ ଜିଲ୍ଲାସ୍ତରୀୟ କାର୍ଯ୍ୟାଳୟରୁ ପଞ୍ଚାୟତସ୍ତର ପର୍ଯ୍ୟନ୍ତ ଇ-ଅଫିସର ସଫଳ କାର୍ଯ୍ୟକାରିତା ଏକ ଡିଜିଟାଲ୍ ଏବଂ ନାଗରିକ କୈନ୍ଦ୍ରିକ ଶାସନ ମଡେଲ ଆଡକୁ ଓଡ଼ିଶାର ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପକୁ ପ୍ରତିନିଧିତ୍ୱ କରେ । ଏହି କର୍ମଶାଳା ଓଡିଶା ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଏବଂ ଜାତୀୟ ସୂଚନା ଓ ପ୍ରଯୁକ୍ତି ବିଭାଗ ମିଳିତ ଆନୁକୂଲ୍ୟରେ ଏସ୍ଆଆରଡି, ଭୁବନେଶ୍ୱର ଠାରେ ଆୟୋଜିତ ହୋଇଥିଲା । ଏହି କର୍ମଶାଳାରେ କମିଶନର ତଥା ଶାସନ ସଚିବ ଶ୍ରମ ଓ କର୍ମଚାରୀ ବୀମା ବିଭାଗ ଶ୍ରୀଆର୍ ଏସ୍ ଗୋପାଳନ ମୁଖ୍ୟ ଅତିଥି, କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ସି.ଏମ୍.ଜି.ଆଇ ଡ.ସତ୍ୟପ୍ରିୟ ରଥ ଏବଂ ଡେପୁଟି ଡାଇରେକ୍ଟର ଜେନେରାଲ ଏନ୍ଆଇସି ଡ.ଅଶୋକ କୁମାର ହୋତା ଉପସ୍ଥିତ ଥିଲେ । ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସୂଚନା ଓ ପ୍ରଯୁକ୍ତି ଅଧିକାରୀ ଜ୍ୟୋତିପ୍ରକାଶ ବେହେରା, ବିଭାଗୀୟ ଶ୍ରମ ଆୟୁକ୍ତ ବାବା ଆନନ୍ଦ ଦାସ, ପୌରପରିଷଦ ନିର୍ବାହୀ ଅଧିକାରୀ ଅଶୋକ କୁମାର କର୍ଣ୍ଣ ଉପସ୍ଥିତ ରହି ରଚନା ଶ୍ରୀବାସ୍ତବ ଡେପୁଟି ଡାଇରେକ୍ଟର ଜେନେରାଲ, ଏନ୍ଆଇସି ନୂଆଦିଲ୍ଲୀଙ୍କ ଠାରୁ ଏହି ସମ୍ମାନ ଗ୍ରହଣ କରିଥିଲେ ।



# ଇ-ଅଫିସ କାର୍ଯ୍ୟାନ୍ୱୟନରେ ନାଁ ରଖିଲା ଜଗତସିଂହପୁର

## ଭୁବନେଶ୍ୱରରେ ଆୟୋଜିତ ରାଜ୍ୟସ୍ତରୀୟ ଇ-ଅଫିସ କର୍ମଶାଳାରେ ସମ୍ମାନିତ

ଜଗତସିଂହପୁର,୧୭ ।୯ (ସମିସ)

ଇ-ଅଫିସ କାର୍ଯ୍ୟାନ୍ୱୟନରେ ଜଗତସିଂହପୁର ଜିଲ୍ଲା ନାଁ ରଖିଛି। ଭୁବନେଶ୍ୱରରେ ଆୟୋଜିତ ଏକ ରାଜ୍ୟସ୍ତରୀୟ ଇ-ଅଫିସ କର୍ମଶାଳାରେ ଇ-ଅଫିସ ବ୍ୟବସ୍ଥାକୁ ସଫଳତାର ସହ କାର୍ଯ୍ୟକାରୀ କରିବା ପାଇଁ ଜଗତସିଂହପୁର ଜିଲ୍ଲାକୁ ସମ୍ମାନିତ କରାଯାଇଛି। ଏହି କର୍ମଶାଳାରେ କମିଶନର ତଥା ଶ୍ରମ ଓ କର୍ମଚାରୀ ବୀମା ବିଭାଗ ଶାସନ ସଚିବ ଆର୍ଏସ୍ ଗୋପାଳନ ମୁଖ୍ୟ ଅତିଥି, କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ସିଏମ୍‌ଜିଆଇ ଡ.ସତ୍ୟପ୍ରିୟ ରଥ ଏବଂ ଡେପୁଟି ଡାଇରେକ୍ଟର ଜେନେରାଲ ଏନ୍ଆଇସି ଡ. ଅଶୋକ ହୋତା ପ୍ରମୁଖ ଉପସ୍ଥିତ ଥିଲେ। ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସୂଚନା ଓ ପ୍ରଯୁକ୍ତି ଅଧିକାରୀ ଜ୍ୟୋତିପ୍ରକାଶ ବେହେରା, ପ୍ରଭାଗୀୟ ଶ୍ରମ ଆୟୁକ୍ତ ବାବା ଆନନ୍ଦ ଦାସ, ପୌରପରିଷଦ ନିର୍ବାହୀ ଅଧିକାରୀ ଅଶୋକ କର୍ଣ୍ଣ ଉପସ୍ଥିତ ରହି ରଚନା ଶ୍ରୀବାସ୍ତବ, ଡେପୁଟି ଡାଇରେକ୍ଟର ଜେନେରାଲ, ଏନ୍ଆଇସି, ନୂଆଦିଲ୍ଲୀଙ୍କଠାରୁ ଏହି ସମ୍ମାନ ଗ୍ରହଣ କରିଥିଲେ। ଏହି ପରିବର୍ତ୍ତନକାରୀ ପଦକ୍ଷେପ ଦ୍ୱାରା ଜିଲ୍ଲାସ୍ତରୀୟ କାର୍ଯ୍ୟାଳୟରୁ ପଞ୍ଚାୟତ ସ୍ତର ପର୍ଯ୍ୟନ୍ତ ନାଗରିକ କୈନ୍ଦ୍ରିକ ସେବା ସମ୍ପ୍ରସାରିତ ହୋଇପାରିଛି ବୋଲି କୁହାଯାଇଛି। ସରକାରୀ କାର୍ଯ୍ୟକଳାପକୁ ଆଧୁନିକୀକରଣ କରିବା ଏବଂ ସେବା ପ୍ରଦାନକୁ ବୃଦ୍ଧି କରିବା ପାଇଁ ଜଗତସିଂହପୁର ଜିଲ୍ଲାକୁ ଏହି ସ୍ୱୀକୃତି ମିଳିଛି। ଇ-ଅଫିସ୍ ଢାଞ୍ଚାକୁ ଗ୍ରହଣ କରି ଜିଲ୍ଲା ପ୍ରଶାସନିକ ପ୍ରକ୍ରିୟାକୁ ସୁବ୍ୟବସ୍ଥିତ କରିଛି। ଭାରତ ସରକାରଙ୍କ ଜାତୀୟ ସୂଚନା ବିଜ୍ଞାନ କେନ୍ଦ୍ର (ଏନଆଇସି), ସେଣ୍ଟର ଫର ମଡର୍ନାଇଜିଂ ଗଭର୍ଣ୍ଣମେଣ୍ଟ ଇନିସିଏଟିଭ୍ (ସିଏମଜିଆଇ) ଏବଂ ଓଡ଼ିଶା ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ (ଜିଏ ଆଣ୍ଡ ପିଜି) ବିଭାଗ ପକ୍ଷରୁ ମିଳିତ ଭାବେ ଏହି କର୍ମଶାଳା ଆୟୋଜିତ ହୋଇଥିଲା।



# Jagatsinghpur Awarded for Success in E-office



**Jagatsinghpur:** Jagatsinghpur district awarded for exemplary success in E- office system in Odisha. The special programme arranged jointly by National Informative Centre( NIC) New Delhi and Centre for Modernising Government, GA & PG department on E- Office work shop.

Commissioner cum Administrative secretary Labour and Employees insurance SR Gopalan, Executive Director CSGI Satya prakash Rath, Deputy Director General NIC Ashok Kumar Hota address the gathering. Deputy Director General NIC, New Delhi Smt. Rachana Srivastav presented the award to Jagatsinghpur dist. Dist. Nic Officer Jyoti Prakash Behera, DLC, Jagatsinghpur Baba Ananda Das and Executive Officer Jagatsinghpur Municipality Dr. Ashok Kumar Karna received the award.

ସମ୍ବାଦ

# ଇ-ଅଫିସ୍ କାର୍ଯ୍ୟାନ୍ୱୟନ ପାଇଁ ଜଗତସିଂହପୁର ସମ୍ମାନିତ

ଜଗତସିଂହପୁର ସଦର,୧୬।୯(ଇମିସ): ଜାତୀୟ ସୂଚନା ବିଜ୍ଞାନ କେନ୍ଦ୍ର (ଏନ୍ଆଇସି), ଭାରତ ସରକାର ଏବଂ ସେଣ୍ଟର ଫର୍ ମର୍ଡନାଇଜିଂ ଗଭର୍ଣ୍ଣମେଣ୍ଟ ଇନିସିଏଟିଭ୍ (ସିଏମ୍‌ଜିଆଇ), ଜିଏ ଆଣ୍ଡ ପିଜି ବିଭାଗ, ଓଡ଼ିଶା ସରକାରଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ରାଜ୍ୟସ୍ତରୀୟ ଇ-ଅଫିସ୍ କର୍ମଶାଳାରେ ଜଗତସିଂହପୁର ଜିଲ୍ଲାକୁ ସମ୍ମାନିତ କରାଯାଇଛି। ଏସ୍ଆଆର୍‌ଡି, ଭୁବନେଶ୍ୱରଠାରେ ଆୟୋଜିତ କର୍ମଶାଳାରେ ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସୂଚନା ଓ ପ୍ରଯୁକ୍ତି ଅଧିକାରୀ ଜ୍ୟୋତିପ୍ରକାଶ ବେହେରା, ଶ୍ରମ ଆୟୁକ୍ତ ବାବା ଆନନ୍ଦ ଦାସ, ପୌରପରିଷଦ ନିର୍ବାହୀ ଅଧିକାରୀ ଅଶୋକ କୁମାର କର୍ଣ୍ଣ ପ୍ରମୁଖ ଉପସ୍ଥିତ ଥିଲେ। ଡେପୁଟି ଡାଇରେକ୍ଟର ଜେନେରାଲ ଏନ୍.ଆଇ.ସି ରଚନା ଶ୍ରୀବାସ୍ତବଙ୍କ ଠାରୁ ଏହି ସମ୍ମାନ ଗ୍ରହଣ କରାଯାଇଥିଲା।

